# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**19 June - 2024**

**News Editor : *Tapan Kumar Moharana***

**********************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ବାଚସ୍ପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କଲେ ରଣପୁର ବିଧାୟିକା ସୁରମା ପାଢ଼ୀ
- ଦ୍ୱିତୀୟ ଦିନରେ ଆଜି ନବନିର୍ବାଚିତ ବିଧାୟକମାନଙ୍କୁ ଶପଥପାଠ କରାଉଛନ୍ତି କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ
- ରାଜ୍ୟର ଲୋକମାନଙ୍କର ଭାବାବେଗକୁ ସମ୍ମାନ ଜଣାଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କାର୍ଯ୍ୟ କରିବ କହିଲେ, ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ଏବଂ

- ରକ୍ତଶିକୁଳୀ ରୋଗର ନିରାକରଣ ନେଇ ରାଜ୍ୟର ସବୁ ଜିଲ୍ଲାରେ ପାଳନ କରାଯାଉଛି ସଚେତନତା କାର୍ଯ୍ୟକ୍ରମ

## ସୁରମା ପାଢ଼ୀ-ବାଚସ୍ପତି

ବିଜେପି ବିଧାୟକ ଦଳ ବୈଠକରେ ଆଜି ରଣପୁର ବିଧାୟିକା ସୁରମା ପାଢ଼ୀଙ୍କୁ ସର୍ବସମ୍ମତିକ୍ରମେ ବାଚସ୍ପତି ପଦ ଲାଗି ମନୋନୀତ କରାଯାଇଛି। ମନୋନୀତ ହେବା ପରେ ଶ୍ରୀମତୀ ପାଢ଼ୀ ବାଚସ୍ପତି ପଦ ଲାଗି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରାର୍ଥିପତ୍ର ଦାଖଲ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ାଙ୍କ ସମେତ କେତେକ ମନ୍ତ୍ରୀ ଓ ବିଧାୟକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଚସ୍ପତି ପଦ ପାଇଁ ଶ୍ରୀମତୀ ପାଢ଼ୀଙ୍କ ନାମ ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କର ଏହି ପ୍ରସ୍ତାବକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସମର୍ଥନ କରିଥିଲେ। ବିଧାନସଭାରେ ବିଜେପିର ଆବଶ୍ୟକ ସଂଖ୍ୟକ ସଦସ୍ୟ ଥିବାରୁ ଶ୍ରୀମତୀ ପାଢ଼ୀ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଶ୍ରୀମତୀ ପାଢ଼ୀ ୨୦୦୪ ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡି-ବିଜେପି ମେଣ୍ଟ ସରକାରରେ ମନ୍ତ୍ରୀ ଥିଲେ।

## ବିଧାନସଭା

ଓଡିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନର ଆଜି ଦ୍ୱିତୀୟ ଦିନରେ ଅବଶିଷ୍ଟ ୪୫ ଜଣ ନବ ନିର୍ବାଚିତ ବିଧାୟକ ଶପଥ ଗ୍ରହଣ କରୁଛନ୍ତି। ଅଧିବେଶନର ପ୍ରଥମ ଦିନରେ ଗତକାଲି ୧୦୧ ଜଣ ବିଧାୟକ ଭାବେ ଶପଥ ନେଇଥିଲେ। ବିଧାନସଭାର କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନବ ନିର୍ବାଚିତ ବିଧାୟକମାନଙ୍କୁ ଶପଥପାଠ କରାଉଛନ୍ତି।

## କଂଗ୍ରେସ ବିଧାୟକ ଦଳର ବୈଠକ

କଂଗ୍ରେସ ବିଧାୟକ ଦଳର ବୈଠକ ଆଜି ସଂଧ୍ୟାରେ ଅନୁଷ୍ଠିତ ହେବ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଏହି ବୈଠକରେ ଅଧ୍ୟକ୍ଷତା କରିବେ। ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏହି ସୂଚନା ଦିଆଯାଇଛି। ବିଜୁ ଜନତା ଦଳର ମଧ୍ୟ ଆଜି ଶଙ୍ଖଭବନଠାରେ ବିଧାୟକ ଦଳର ବୈଠକ ଅନୁଷ୍ଠିତ ହେବ। ନବନିର୍ବାଚିତ ବିଧାୟକମାନଙ୍କ ବୈଠକରେ ବିରୋଧୀଦଳ ନେତା ବଛାଯିବ ବୋଲି ସୂଚନା ମିଳିଛି।

## ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ଓଡ଼ିଶା ଲୋକଙ୍କ ଭାବାବେଗକୁ ସମ୍ମାନ ଜଣାଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କାର୍ଯ୍ୟ କରିବ ବୋଲି ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ସୂରଜ ବିଭିନ୍ନ ସରକାରୀ ଅନୁଷ୍ଠାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆରେ ନାମଫଳକ ଲେଖା ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଭାଷା କମିଶନ ପ୍ରତିଷ୍ଠା, ସଂସ୍କୃତି ଓ ଐତିହ୍ୟ ନୀତି ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରଣୟନ, ସାହିତ୍ୟ ଏକାଡେମୀର ବାକି ଥିବା ପୁରସ୍କାର ପ୍ରଦାନ ଏବଂ ବିଭିନ୍ନ ଏକାଡେମୀର କାର୍ଯ୍ୟନିର୍ବାହୀ କମିଟି ଗଠନ ନିମନ୍ତେ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ସୂରଜ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାର ହିତାଧିକାରୀ ଓ ରାଜ୍ୟର ସମସ୍ତ ପଦ୍ମ ପୁରସ୍କାର ବିଜେତାମାନଙ୍କୁ ସହାୟତା ରାଶି ସମୟାନୁଯାୟୀ ପ୍ରଦାନ କରିବା ସହିତ ଏକ ଅସ୍ମିତା ଭବନ ନିର୍ମାଣ

କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସେହିଭଳି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଆସନ୍ତା ୧୦୦ ଦିନରେ କାର୍ଯ୍ୟଖସଡା ପ୍ରସ୍ତୁତ କରିବା ଉପରେ ମଧ୍ୟ ଶ୍ରୀ ସୂରଜ ଗୁରୁତ୍ୱାରୋପ କରିଥିବା ଜଣାପଡିଛି। ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ୍‌ଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗାଁକୁ ପିଚୁ ରାସ୍ତା

ରାଜ୍ୟର ଗ୍ରାମାଞ୍ଚଳଗୁଡ଼ିକରେ ଗମନାଗମନକୁ ସହଜସାଧ୍ୟ କରିବା ଲକ୍ଷ୍ୟରେ ଆଗାମୀ ଦିନରେ ୧୦୦ ଜନସଂଖ୍ୟା ବିଶିଷ୍ଟ ଗାଁକୁ ପିଚୁ ରାସ୍ତାରେ ସଂଯୋଗ କରାଯିବ ବୋଲି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି । ଗତକାଲି ବିଭାଗର କାର୍ଯ୍ୟର ସମୀକ୍ଷା କରି ଶ୍ରୀ ନାଏକ କହିଛନ୍ତି, ଗ୍ରାମାଞ୍ଚଳରେ ସଡ଼କ ସଂଯୋଗୀକରଣ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ସରକାରଙ୍କ ପ୍ରାଥମିକତା ରହିବ । ପିଏମ୍ ଜନମନ ଯୋଜନାରେ ୩୫୦ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଲକ୍ଷ୍ୟ ରଖାଯାଇଛି ।

## ଡାକଘର ଅଧିନିୟମ

ଦେଶରେ ଗତକାଲିଠାରୁ ଡାକଘର ଅଧିନିୟମ ୨୦୨୩ ଲାଗୁ ହୋଇଛି । ଏହା ଭାରତୀୟ ଡାକଘର ଆଇନ୍ ୧୮୯୮କୁ ଉଚ୍ଛେଦ କରିଛି । ନାଗରିକ କେନ୍ଦ୍ରୀକ ସେବା, ବ୍ୟାଙ୍କିଂ ସେବା ଏବଂ ସରକାରୀ

ଯୋଜନାର ଲାଭ ଅନ୍ତିମ ସୋପାନରେ ପହଞ୍ଚାଇବା ପାଇଁ ଏକ ସରଳ ଆଇନ୍‌ଗତ ଢ଼ାଞ୍ଚା ସୃଷ୍ଟି କରିବା ଏହି ଆଇନ୍‌ର ଉଦ୍ଦେଶ୍ୟ ।

# ରକ୍ତହୀନତା ନିରାକରଣ

ରାଜ୍ୟରେ ଆଜିଠାରୁ ରକ୍ତଶିକୁଳୀଜନିତ ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଅଭିଯାନ ଆସନ୍ତା ମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ବିଭିନ୍ନ ଜିଲ୍ଲାରେ ରକ୍ତଶିକୁଳୀ ରୋଗର ନିରାକରଣ ନେଇ ବ୍ୟାପକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଉଛି । ଜିଲ୍ଲାସ୍ତରୀୟ ଅଧିକାରୀ, ସିଡିପିଓମାନଙ୍କୁ କାର୍ଯ୍ୟକ୍ରମରେ ସାମିଲ କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ନିର୍ଦ୍ଦେଶ ଦେଇଛନ୍ତି । ୨୦୪୭ ମସିହା ସୁଦ୍ଧା ରକ୍ତଶିକୁଳୀ ରୋଗର ସମ୍ପୂର୍ଣ୍ଣ ନିରାକରଣ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ।

# - Promo -

**ସୁବର୍ଣ୍ଣପୁର**ଠାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ନ୍ୟୁ ଟାଉନ୍‌ହଲ୍‌ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଦୁର୍ଗାଦତ୍ତ ଦାସଙ୍କ ଅଧ୍ୟକ୍ଷତାରେ ରକ୍ତଶିକୁଳୀ ରୋଗ ସଚେତନତା ଅଭିଯାନ ଆରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ରକ୍ତରେ ସୃଷ୍ଟି ହେଉଥିବା ଅସୁସ୍ଥ କଣିକା କାରଣରୁ ଅସ୍ୱାଭାବିକ ଜୀବନହାନୀ ହେଉଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି ।

**ବଲାଙ୍ଗିର** ଜିଲ୍ଲା ପ୍ରଶାସନ ପକ୍ଷରୁ ଭୀମ ଭୋଇ ମେଡିକାଲ କଲେଜ୍ ଓ ହସ୍‌ପିଟାଲ ସମ୍ମିଳନୀ କକ୍ଷରେ ବିଶ୍ୱ ରକ୍ତଶିକୁଳୀ ସଚେତନତା କାର୍ଯ୍ୟକ୍ରମ

ଅନୁଷ୍ଠିତ ହୋଇଛି। ଏଥିରେ ବିଶେଷକରି ଆଦିବାସୀବହୁଳ ଅଂଚଳର ଲୋକଙ୍କ ରକ୍ତ ପରୀକ୍ଷା କରାଯାଇଛି।

## ଡିପଥେରିଆ-ବୁଷ୍ଟର ଡୋଜ୍

ରାଜ୍ୟରେ ନୂଆ ଡିପଥେରିଆ ରୋଗୀ ଆଜି ଚିହ୍ନଟ ହୋଇନାହାଁନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛ। ରାୟଗଡ଼ା ଜିଲା କାଶୀପୁରରେ ଡିପଥେରିଆ ରୋଗ ପାଇଁ ପ୍ରସ୍ତୁତ ଡୋଜ୍ ଦିଆଯାଉଛି। ଜିଲ୍ଲାର ମନୁଷ୍ପଦର ସହିତ ୮୦ଟି ଗାଁରେ ବୁଷ୍ଟର ଡୋଜ୍ ଦିଆଯିବ ବୋଲି ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ କହିଛନ୍ତି।

## ବାଲେଶ୍ୱର କର୍ଫ୍ୟୁ

ବାଲେଶ୍ୱର ପୌରପରିଷଦ ଅଞ୍ଚଳରେ ଗତ ୧୭ ତାରିଖରୁ ଜାରି କରାଯାଇଥିବା କର୍ଫ୍ୟୁ ଆଜି ମଧ୍ୟ ରାତ୍ର ପର୍ଯ୍ୟନ୍ତ ବଳବତ୍ତର ରହିବ। ସହରାଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୪୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। କର୍ଫ୍ୟୁ ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ କେତେକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

ଆସନ୍ତାକାଲି ସକାଳ ୧୦ଟା ପର୍ଯ୍ୟନ୍ତ ଇଣ୍ଟରନେଟ ସେବାକୁ ସହରାଞ୍ଚଳରେ ବନ୍ଦ କରାଯାଇଛି। ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀମାନେ ସମ୍ପୃକ୍ତ ଅଂଚଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରୁଛନ୍ତି।

## ସଚେତନତା କାର୍ଯ୍ୟକ୍ରମ

**ନୂଆପଡା** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମବିଭାଗ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଶିଶୁ ଶ୍ରମିକ ନିରାକରଣ ନେଇ ଶୋଭାଯାତ୍ରା ଓ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରାଇତାଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇ ଜିଲ୍ଲାରୁ ଶିଶୁ ଶ୍ରମିକ ଉଚ୍ଛେଦ କରିବା ସହିତ ଶିଶୁଙ୍କ ପାଇଁ ଶ୍ରମ ନୁହେଁ, ଶିକ୍ଷା ପ୍ରଦାନ ସେମାନଙ୍କ ଜନ୍ମଗତ ଅଧିକାର ବୋଲି କହିଛନ୍ତି । ଶୋଭାଯାତ୍ରାରେ ଶତାଧିକ ପୁରୁଷ ଓ ମହିଳା ପ୍ଲା-କାର୍ଡ ଧରି ଶିଶୁ ଶ୍ରମିକ ଉଚ୍ଛେଦ କରିବା ନେଇ ସ୍ଲୋଗାନ୍ ଦେଇଥିଲେ ।

## ମକ୍ ଡ୍ରିଲ୍

**ଗଞ୍ଜାମ** ଜିଲ୍ଲା ପ୍ରଶାସନ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତୀୟ ପ୍ରସ୍ତୁତି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାତ୍ୟା ଏବଂ ବନ୍ୟାର ମୁକାବିଲା ପାଇଁ ସମସ୍ତ ବିଭାଗ କିପରି ପ୍ରସ୍ତୁତ ରହିବେ ସେ ବିଷୟରେ ଆଲୋଚନା ହୋଇଥିଲା । ଜିଲ୍ଲାର ୧୫ ବ୍ଲକ୍ ଓ ସହରାଞ୍ଚଳରେ ମକ୍ ଡ୍ରିଲ୍ ଆୟୋଜନ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି । ସୂଚନାଯୋଗ୍ୟ, ଗଞ୍ଜାମ ଜିଲ୍ଲାରେ ୧୧୦ଟି ଆଶ୍ରୟ ସ୍ଥଳ ରହିଛି ।

## ମକ୍‌ଡ୍ରିଲ୍-ଭଦ୍ରକ

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ-ଓସ୍‌ଡମା ଓ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁସୁଆଠାରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା ଅଭ୍ୟାସ ମକ୍‌ଡ୍ରିଲ୍ ହୋଇଯାଇଛି । ସୂଚନାଯୋଗ୍ୟ, ଜିଲ୍ଲାରେ ମୋଟ ୧୦୫ଟି ବହୁମୁଖୀ ଆଶ୍ରୟସ୍ଥଳ ରହିଛି ।

## ପ୍ରାକୃତିକ ବିପର୍ଯ୍ୟୟ

ଗଜପତି ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବାବେଳେ ବନ୍ୟା, ବାତ୍ୟା, ଭୂସ୍ଖଳନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧରଣଙ୍କ ଧନ ଜୀବନକୁ କିପରି ରକ୍ଷା କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା ।

# ପାଣିପାଗ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ସକ୍ରିୟ ରହିଛି । ଆସନ୍ତା ୩ରୁ ୪ ଦିନ ମଧ୍ୟରେ ରାଜ୍ୟର ଆଉକିଛି ଅଞ୍ଚଳକୁ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଗତକାଲି କାଳବୈଶାଖୀର ପ୍ରଭାବରେ

ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଯାଇଛି । ଗତକାଲି ଅପରାହ୍ଣ ସୁଦ୍ଧା କଟକରେ ସର୍ବାଧିକ ୨୩ ମିଲିମିଟର ବର୍ଷା ରେକର୍ଡ ହୋଇଥିଲା । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ୧୫ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରିଛି ।

*********************************